# ସୁହୃଦ ଜଗନ୍ନାଥ

**ଶିବସୁନ୍ଦର ପଟ୍ଟନାୟକ**

ଶ୍ରୀଜଗନ୍ନାଥ ବିଦ୍ୟମାନ ଥିବା ଧାମ ପୁରୀ ଶ୍ରୀକ୍ଷେତ୍ର ରୂପେ ପରିଚିତ ଅଟେ । କ୍ଷେତ୍ରର ଅର୍ଥ ଲମ୍ବ ଓ ଓସାରରେ ଚାରି କୋଶ ପରିମିତ ସ୍ଥାନ ଯାହାକି ଏକ ନଦୀ ପୁଷ୍କରିଣୀ ବା ସମୁଦ୍ର ନିକଟସ୍ଥାନ ଯେଉଁଠାରେ କ୍ଷେତ୍ରାଧିପତି ଦେବତାଙ୍କ ମନ୍ଦିର ରହିଅଛି । ଏକ କୋଶର ଲମ୍ବା ଦୁଇ ମାଇଲ ଏବଂ ପାଞ୍ଚ ମାଇଲର ଲମ୍ବା ଆଠ କିଲୋମିଟର ଅଟେ । ପୁରୀ ସମୁଦ୍ରକୂଳବର୍ତ୍ତୀ ଅଞ୍ଚଳ ଯେଉଁଠାରେ ଶ୍ରୀଜଗନ୍ନାଥ ମନ୍ଦିର ଅଛି । ପୁରୀକୁ ଶ୍ରୀକ୍ଷେତ୍ର କୁହାଯାଏ କାରଣ ଶ୍ରୀଦେବୀ ଲକ୍ଷ୍ମୀଙ୍କର ଏଠାରେ ଭକ୍ତଙ୍କ ପ୍ରତି ଅନୁକମ୍ପା ରହିଥାଏ । ତା' ଛଡ଼ା ପୁରୀ ମଧ୍ୟ ଦେବତାମ୍ା ରୂପେ ଖ୍ୟାତ କାରଣ ଏଠାରେ ଦେବତାମାନେ ଆସି ଶ୍ରୀଜୀଉ ଜଗନ୍ନାଥଙ୍କୁ ବନ୍ଦନା ଓ ସେବାପୂଜା କରିଯାଆନ୍ତି । ବିଭିନ୍ନ ଗ୍ରନ୍ଥମାନଙ୍କରେ ଶ୍ରୀଜଗନ୍ନାଥଙ୍କ ମହିମା ବର୍ଣ୍ଣନା ଅଛି । ଭୂପତି ପଣ୍ଡିତଙ୍କ 'ପ୍ରେମ ପଞ୍ଚାମୃତ'ରେ ବର୍ଣ୍ଣନା ଅଛି ଯେ ବସୁଦେବଙ୍କ ପ୍ରାର୍ଥନାରେ ଭଗବାନ ଶ୍ରୀଜଗନ୍ନାଥ ରୂପେ ଅବତୀର୍ଣ୍ଣ ହୋଇଅଛନ୍ତି । ଯଶୋବନ୍ତ ଦାସଙ୍କ ପ୍ରେମ ଭକ୍ତି ବ୍ରହ୍ମ ଗୀତାରେ ବର୍ଣ୍ଣନା ଅଛି ଯେ ରତ୍ନ ସିଂହାସନରେ ବ୍ରହ୍ମା, ବିଷ୍ଣୁ ଓ ଶିବ ବିଦ୍ୟମାନ ଏବଂ ଚାରିବେଦ ଚାରୋଟି ପାବଚ୍ଛ, ତିନୋଟି ବଇଠି-ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଅଟେ ଏବଂ ବଳଭଦ୍ର-ବିରାଟ, ଶ୍ରୀଜଗନ୍ନାଥ-କୈବଲ୍ୟ ମୁକ୍ତିଦାତା, ସୁଭଦ୍ରା-ବ୍ରହ୍ମା ଓ ରାଧା, ସୁଦର୍ଶନ-ମହାଶୂନ୍ୟ, ବ୍ରହ୍ମଜ୍ୟୋତି ଓ ସନାତନ ଅଟନ୍ତି । ଏହାର ବିସ୍ତୃତି ବଳରାମ ଦାସଙ୍କ 'ବେଦାନ୍ତସାର ଗୁପ୍ତଗୀତା' ଏବଂ ଅଚ୍ୟୁତାନନ୍ଦଙ୍କ ଶୂନ୍ୟ ସଂହିତାରେ ପାଇ ପାରିବା । ଦିବାକର ଦାସ 'ଜଗନ୍ନାଥ ଚରିତା ମୃତ'ରେ ମଧ୍ୟ ବର୍ଣ୍ଣନା କରିଅଛନ୍ତି ଯେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ସାକ୍ଷାତ୍ ଈଶ୍ୱର ଏବଂ ସମସ୍ତ ଅବତାରମାନ ଏଠାରୁ ପ୍ରକଟ ହୋଇଥାଏ । ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ'ରେ ବର୍ଣ୍ଣନା କରାଯାଇଛି ।

ଶ୍ରୀଜଗନ୍ନାଥ ଯଦି କୈବଲ୍ୟ ମୁକ୍ତିଦାତା ତେବେ ତାଙ୍କୁ ପାଇବା ପାଇଁ ଭକ୍ତି କରିବାକୁ ହେବ । ଶ୍ରୀମଦ୍ ଭାଗବତ ଗ୍ରନ୍ଥରେ ନବଧା ଭକ୍ତି ବିଷୟରେ ବର୍ଣ୍ଣନା ଅଛି ତାହା ମିଶ୍ର ବା ବୈଧ ଭକ୍ତି ଅଟେ । ତା'ର ଉଚ୍ଚ ସ୍ତର ହେଲା ରାଗାନୁଗା ଭକ୍ତି ଯାହାକି ଗୋପ ପୁରୁଷ ଓ ରମଣୀମାନେ ଗ୍ରହଣ କରିଥିଲେ । ଏଥିରେ ବାତ୍ସଲ୍ୟ ରସ ସାଖ୍ୟରସ ଓ ପ୍ରେମ ରସ ଅଛି । ପ୍ରେମ କାୟିକ ପ୍ରେମ ନୁହେଁ ଏହା ଶୁଦ୍ଧ ପ୍ରେମଭକ୍ତି ବା ନିଷ୍କାମ ପ୍ରେମ ଭକ୍ତି ଅଟେ । ଶ୍ରୀଜଗନ୍ନାଥ ଭକ୍ତିର ଅବତାର ଅଟନ୍ତି । ସେ କେବଳ ପ୍ରହ୍ଲାଦ ପରି ଭକ୍ତଙ୍କ ପ୍ରତି ସୁହୃଦ୍ ନୁହନ୍ତି ସେ ମଧ୍ୟ ଶତ୍ରୁଙ୍କ ପ୍ରତି ସୁହୃଦ ଅଟନ୍ତି । ଯେପରି ପୁତନା, ରାବଣ ପ୍ରତି ସେ ସଦୟ ହୋଇଥିଲେ । ପୁତନା ନିଜ ଛାତିରେ କାଳକୂଟ ବିଷ ବୋଲି ପାଞ୍ଚଦିନର ଶିଶୁ ଶ୍ରୀକୃଷ୍ଣଙ୍କୁ ମାରିବାକୁ ଚାହିଁଥିଲା । ସେ ନିଜେ ମଲା । କିନ୍ତୁ ଭଗବାନ ତାକୁ ସ୍ୱର୍ଗସୁଖ ଭୋଗ କରିବାକୁ ସୁଯୋଗ ଦେଲେ ।

ଭଗବାନ ଶ୍ରୀଜଗନ୍ନାଥଙ୍କୁ ପାଇବାକୁ ହେଲେ ଭକ୍ତିଭାବକୁ ଆଶ୍ରୟ କରିବାକୁ ହେବ । ଶ୍ରୀଜଗନ୍ନାଥଙ୍କୁ ଭକ୍ତି କଲେ ସେ ସହଜ ଲବ୍ଧ ହୋଇଯିବେ । କାମନା ଶୂନ୍ୟ ଭକ୍ତି ହେଲେ ଉତ୍କୃଷ୍ଟ କଥା । ଯେହେତୁ ସାଂସାରିକ ବନ୍ଧନରେ

ଆମେମାନେ ପଡ଼ିଅଛେ ଆମର କିଛି ଅପୂରଣୀୟ ରହିଥାଏ । ସେଥିପାଇଁ ଆମକୁ ଶ୍ରୀଜଗନ୍ନାଥଙ୍କୁ କିଛି ମାଗି ପ୍ରାପ୍ତ ହେବାପାଇଁ ସିଧା ଶ୍ରୀଜଗନ୍ନାଥଙ୍କୁ ମାଗିବା ଉଚିତ୍ ହେବ ନାହିଁ, ଯଦିଓ ଶ୍ରୀଜଗନ୍ନାଥ ସହଜ ଲବ୍ଧ ଅଟନ୍ତି । ଏହାର ସମାଧାନ ଜଗଦ୍‌ଗୁରୁ ଶ୍ରୀଳ ରାମାନୁଜ ଆଚାର୍ଯ୍ୟ ଉପଯୁକ୍ତ ନିର୍ଦ୍ଦେଶ ଦେଇଅଛନ୍ତି ଶ୍ରୀଜଗନ୍ନାଥଙ୍କୁ ମାଗିବାକୁ ହେଲେ ମା ଲକ୍ଷ୍ମୀଙ୍କୁ ଶ୍ରୀ କାହିଁକି କୁହାଯାଏ ତାହାର କାରଣ ଲାଗି ଏପରି ନିର୍ଦ୍ଦେଶ ଦେଇଅଛନ୍ତି । ‘‘ହେ ଜନନୀ ! (୧) ସମସ୍ତ ଜୀବମାନଙ୍କ ଦ୍ୱାରା ଆପଣ ସେବିତ ଅଟନ୍ତି । (୨) ଆପଣ ଭଗବାନ ଶ୍ରୀଜଗନ୍ନାଥଙ୍କ ସେବାରେ ସଦା ନିଯୁକ୍ତ ଅଟନ୍ତି (୩) ଆପଣ ଆଶ୍ରିତ ଜୀବମାନଙ୍କ ପ୍ରାର୍ଥନା ଶୁଣନ୍ତି । ତଥା ଶ୍ରୀଜଗନ୍ନାଥଙ୍କୁ ଶୁଣାନ୍ତି (୫) ଆପଣ ଆଶ୍ରିତ ଜୀବମାନଙ୍କ ଦୋଷ ସମ୍ପୂର୍ଣ୍ଣ ବିନାଶ କରିବା ପାଇଁ ଶ୍ରୀଜଗନ୍ନାଥଙ୍କ କରୁଣା ଲାଭ କରାଇ ଥାଆନ୍ତି ଏବଂ (୬) ଆପଣ ନିଜର ଦିବ୍ୟ ଗୁଣରେ ଜଗତରେ ବିସ୍ତାର କରିଥାନ୍ତି । ସେଥିପାଇଁ ବେଦଜ୍ଞ ପଣ୍ଡିତମାନେ ଆପଣଙ୍କୁ ଶ୍ରୀ ପଦବାଚ୍ୟ କରିଅଛନ୍ତି ।’’ ଉପସଂହାରରେ ଏତିକି କୁହାଯାଇପାରେ ଯେ, ଶ୍ରୀଦେବୀ ବା ମହାଲକ୍ଷ୍ମୀ ଏକ ମାଧ୍ୟମ ହେଲେ ହେଁ ଶ୍ରୀଜଗନ୍ନାଥ ଶୁଦ୍ଧପୂତ ହୃଦୟରେ ବିରାଜମାନ କରିଥା'ନ୍ତି । ସେ ସମସ୍ତଙ୍କ ପ୍ରତି ସୁହୃଦ ଅଟନ୍ତି ।

କନକମୃଗ, କାରାଗାରପଥ, ଖୋରଧା

# ଜଗନ୍ନାଥ ଶ୍ରୀକ୍ଷେତ୍ରର କ୍ଷେତ୍ରଫଳ

**କୃଷ୍ଣପ୍ରିୟା ଦାସ**

ଶାନ୍ତି, ମୈତ୍ରୀ, ପ୍ରୀତି ତିନି ରଥେ ଠୁଳ
ଧନ୍ୟ ଧନ୍ୟ ତିନି ପୁରେ ନୀଳାଚଳ
ଲୟ ଲଗାଇଲେ ନଭେ ଦିଗପାଳ
ବ୍ରହ୍ମା ଶଙ୍କର ଇନ୍ଦ୍ରାଦି ନାଗକୁଳ
ସ୍ତୁତି ଆରମ୍ଭନ୍ତି ସୁଖେ ହୋଇ ଭୋଳ
ବାଜେ ଘଣ୍ଟା, ଘଣ୍ଟ କରେ କରତାଳ
ରଙ୍ଗେ ନାଚନ୍ତି ଭକତେ ହୋଇ ମେଳ
ଝୁମେ ଗଗନ, ପବନ, ଜଳ, ସ୍ଥଳ
ହରିବୋଲ ହୁଳହୁଳି ଶୁଭେ ଗୋଳ
ଭାଇ, ଭଉଣୀ, ସୁଭଦ୍ରା, କାମପାଳ
ଜଗନ୍ନାଥ ଶ୍ରୀକ୍ଷେତ୍ରରେ କ୍ଷେତ୍ରପାଳ ।
ମନ ବସିରେ ସାଦରେ ନୀଳାଚଳ...
ବାରମାସେ ତେର ଯାତ ନୀଳ ଶୈଳ
ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଖେଳ
ଗ୍ରୀଷ୍ମ ବରଷା ଆହ୍ଲାଦ ଭୂମଣ୍ଡଳ
ମନ୍ଦ ମଧୁର ଧରଣୀ ପରିମଳ
ବାଜେ କାହାଳି ସାଜନ୍ତି ହସ୍ତୀକୁଳ
ପଡ଼େ ଚାମର, ଆଲଟ, ଫୁଲମାଳ
ରଥ ଖରକନ୍ତି ରାଜା ହୋଇ ଭୋଳ
ଅନୁରାଗେ ସରାଗରେ ଜନ ମେଳ
ଜଗନ୍ନାଥ ଶ୍ରୀକ୍ଷେତ୍ରରେ କ୍ଷେତ୍ରପାଳ
ମନ ଭ୍ରମର ଚୁମ୍ବୁଥା ନୀଳାଚଳ..... ।
ଅଷ୍ଟ ଅଇଶ୍ୱର୍ଯ୍ୟ ଶଂଖ ନାଭିସ୍ଥଳ
ରତ୍ନ କୋରକ ତା' ମଧ୍ୟେ ନୀଳଶୈଳ
ସୁର ସିଦ୍ଧ ବିଚରନ୍ତି ମାଳ ମାଳ
ଥିଲେ କଇବଲ୍ୟ ନାହିଁ ଯମ ଜାଳ
ବାନା ପତିତ ପାବନ ଚକ୍ର ନୀଳ
ଲକ୍ଷ୍ମୀ ଘରଣୀ, ଶ୍ୱଶୁର ରତ୍ନାକର
ନେତା ଏକା ସିଏ ସାରା ଜଗତର
ନାଚି ନଚାଇବା ପେସା ଅଟେ ତା'ର
ଜଗନ୍ନାଥ ଶ୍ରୀକ୍ଷେତ୍ରରେ କ୍ଷେତ୍ରପାଳ
ମର୍ତ୍ତ୍ୟ ବଇକୁଣ୍ଠ ମୁକ୍ତି ନୀଳାଚଳ...।

ମୈଥିଳୀ ନିବାସ
୫୮/ଗଜପତି ନଗର, ପୁରୀ – ୨